# Akashvani, Sambalpur

## SAMBALPURI NEWS EVENING BULLETIN

## 18 March 2025- 7.02 pm- 7.12 pm.

*********************************************

୧- ଆଏବା ୨୪ ତାରିଖ୍ ୨ ଦିନିଆ ଓଡ଼ିଶା ଗସ୍ତଥି ଆସ୍‌ବେ ରାଷ୍ଟ୍ରପତି ।

୨- ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ଥି ୭ ନମ୍ବର୍ ଦିନେ ବହୁତ୍ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପ୍‌ରେ ହେଲା ଆଲୋଚନା ।

- ମହାନଦୀ ନ ୭ ଟା ବେରେଜ୍ ବନାବାର୍ ଲାଗି ସର୍‌କାର୍‌ଙ୍କର୍ ନିଷ୍ପତି- ସୂଚ୍‌ନା ଦେଲେ ପାନୀୟ ଜଳ ମନ୍ତ୍ରୀ ।

୩- ୫ ଟା ବିଭାଗ୍‌ର ୮ ଶହ ୧୨ ଝନ୍‌କୁ ବଂଟାହେଲା ନିଯୁକ୍ତି ପତ୍ର ।

ଆଉର୍

୪- ଖରାର୍ ମୁକାବିଲା ଲାଗି ଜରୁରୀ ବୈଠକ୍ ଡାକ୍‌ଲେ ମୁଖ୍ୟମନ୍ତ୍ରୀ ।

ରାଷ୍ଟ୍ରପତି -ଓଡ଼ିଶା ଗସ୍ତ          ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୨୪ ତାରିଖ୍ ଦୁଇଦିନିଆ ଓଡ଼ିଶା ଗସ୍ତଥି ଆସିକରି ନୟାଗଡ଼ ଜିଲ୍ଲା କଂଟିଲୋଠାନେ ଥିବା ନୀଳମାଧବଙ୍କର୍ ଦର୍ଶନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଇତାର୍ ସହେତେ ଶବର ରାଜା ବିଶ୍ୱାବସୁ ଆଉ ଲଳିତାଙ୍କର୍ ଜନମ୍ ମାଏଟ୍‌କେ ଭିଲ୍ ରାଷ୍ଟ୍ରପତି ବୁଲିଯିବେ । ଗସ୍ତର ଦୁଇ ନମ୍ବର ଦିନେ ୨୫ ତାରିଖ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତନ ଉଛବ୍‌ଥି ମୁଖ୍ୟ ଅତିଥି ହିସାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ବିଧାନ୍‌ସଭା          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପର୍ ୭ ନମ୍ବର୍ ଦିନେ ଆଏଜ୍ ଗୃହକାର୍ଯ୍ୟ ସ୍ୱାଭାବିକ୍ ଚାଲିଥିଲା । ପ୍ରଶ୍ନୋତର, ଶୂନ୍ୟକାଳ ଆଉ ଗୁରୁତ୍ୱପୂର୍ଣ୍ଣ ମୁଲ୍‌ତବୀ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ହେଇଥିଲା । ବୃହତ୍ ପିଇବାର୍ ପାଏନ୍ ପ୍ରକଳ୍ପ ଉପ୍‌ରେ ଗୃହ ନ ୪୦ ମିନିଟ୍‌ତକ୍ ଆଲୋଚନା ହେଇଥିଲା । ପ୍ରଶ୍ନୋତର୍ ସମିଆଥି ନାରୀ ସୁରକ୍ଷା ବିଷୟକେ ନେଇକରି କଂଗ୍ରେସ୍ ବିଧାୟକ୍‌ମାନେ ବିକ୍ଷୋଭ୍

ପ୍ରଦର୍ଶନ୍ କରିଥିଲେ । ସେଆଡ଼େ ବିଜେଡ଼ି ବିଧାୟକ୍‌ମାନେ ପ୍ରଶ୍ନୋତର୍ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେଇଥିଲେ ।

ବିଧାନ୍‌ସଭା-ମହାନଦୀ ବରେଜ୍ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ମହାନଦୀ ନ ୭ ଟା ବରେଜ୍ ତିଆର୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ ବଲି ପଂଚାୟତିରାଜ୍ ଆର୍ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ପ୍ରଶ୍ନକାଳ ସମିଆଥି ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, ମହାନଦୀ ନ ପାନିର୍ ସୁରକ୍ଷାର୍ ଲାଗି ବିଭାଗ୍‌ସ୍ତର୍‌ଥି ଆଲୋଚନା ହେଇଛେ ଆଉ ଆଗ୍‌କେ ମୁଖ୍ୟମନ୍ତ୍ରୀ ଇ ବାବ୍‌ଦେ ପଦକ୍ଷେପ୍ ନେଇଛନ୍ । ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, କେନ୍‌ସି ପିଇବାର୍ ପାଏନ୍ ପ୍ରକଳ୍ପ ବିଜ୍‌ଲି ବିଲ୍ ଜମା ନାଇଁ ହେଉଥିଲେ ଭିଲ୍ ବିଦ୍ୟୁତ୍ କଟା ନାଇଁ ଯାଏ ।

ସେନ୍ତା ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, ରାଏଜେ ୨୦୨୬ ମସିହା ଡିସେମ୍ବର୍ ମାସ୍‌ତକ୍ ପିଇବାର୍ ପାଏନ୍ ପ୍ରକଳ୍ପ ମାନ୍‌କର୍ କାମ୍ ସର୍‌ବା ଆଉ ସବୁ ଜିଲ୍ଲା ନ କାର୍ଯ୍ୟକାରୀ ହେଇଥିବା ଇ ପ୍ରକଳ୍ପମାନ୍‌କର୍ ଭିତ୍‌ରୁ ଫି ୧୫ ଦିନେ ଗୁଟେ ପ୍ରକଳ୍ପର୍ ସର୍‌କାରୀ ସ୍ତର୍‌ଥି ସମୀକ୍ଷା ହେଉଛେ । ରାଜ୍ୟର୍ ବୃହତ୍ ଜଳ ପ୍ରକଳ୍ପ କାମ୍‌ଥି

ଲାଗ୍‌ବାର୍‌ଟା ଯେନ୍ତା ଡେରି ନାଇଁ ହେବା, ସେ ବାବ୍‌ଦେ ସର୍‌କାର୍ ସତର୍କ ଅଛନ୍ । ଡେରି କରୁଥିବା ଠିକା ସଂସ୍ଥା ମାନ୍‌କୁ ଜରିମାନା ଭିଲ୍ କରାଯାଉଛେ । ଆଏବା ହପ୍ତେ ଭିତ୍‌ରେ ପ୍ରକଳ୍ପ କାମ୍ କରୁଥିବା କମ୍ପାନୀମାନ୍‌କର୍ ମୁଖ୍ୟମାନ୍‌କୁ ନେଇକରି ଗୁଟେ ବୈଠକ୍ କରାଯିବା । ତାଲିକାଭୁକ୍ତ କମ୍ପାନୀମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ କାମ୍ ଶେଷ୍ ନାଇଁ କଲେ କଳା ତାଲିକାଭୁକ୍ତ କରାଯିବା ବଲି ବିଧାନ୍‌ସଭା ନ ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା-ବନ୍ୟପ୍ରାଣୀ ସୁରକ୍ଷା    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ୩୮ ଟା ବନଖଣ୍ଡ ଇଲାକା ନ ମୋଟ୍ ୨ ହଜାର୍ ଶହେ ୩ ଟା ହାତୀ ଅଛନ୍ ବଲି ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ବିଧାନ୍‌ସଭା ନ ଇ ବାବଦ୍ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ୨୦୨୪ ମସିହାର୍ ଗନ୍‌ତି ଅନ୍‌ସାରେ ଢେଙ୍କାନାଲ୍ ଜିଲ୍ଲା ନ ସବୁନୁ ଜହ ୨ ଶହ ୯୧ ଟା ହାତୀ ଥିଲା ବେଲେ ଗଲା ୩ ବଛର୍ ଭିତ୍‌ରେ ୪୧ ଟା ହାତୀର୍ ଜୀବନ୍ ଯାଇଛେ ।

ସେନ୍ତା ଗଲା ୩ ବଛର୍ ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜଙ୍ଗଲ୍ ନ ୧୨ ଟା କଲ୍‌ରାପତ୍‌ରିଆ ଆର୍ ୨ ଟା ମହାବଳ ବାଘ୍‌କୁ

ଶିକାରୀ ମାନେ ମାରିଛନ୍ । ଇ ସମିଆ ଭିତ୍‌ରେ ୬ ଟା ମହାବଳ ବାଘ୍‌ର ଛାଲ୍ ଆର୍ ୬୩ ଟା କଲ୍‌ରା ପତ୍‌ରିଆ ବାଘର୍ ଛାଲ୍ ଜବତ୍ ହେଇଛେ ବଲି ମନ୍ତ୍ରୀ ବିଧାନ୍‌ସଭା ନ କହିଛନ୍ । ସେ ଆହୁରି କହିଛନ୍, ଜଙ୍ଗଲି ଜନ୍ତୁଙ୍କର୍ ସୁରକ୍ଷା ଲାଗି ଉନ୍ନତ ଜ୍ଞାନ୍‌କୌଶଲ୍‌ର ବେଭାର୍ ସହେତେ ଲୁକ୍‌କୁ ସଚେତନ୍ କରାଯାଉଛେ । ଜଙ୍ଗଲ୍ ବିଭାଗ୍‌ର ଭିନ୍ ଭିନ୍ ସ୍କ୍ୱାର୍ଡ୍ ମାନେ ଭିଲ୍ ଅହରହ ଜଙ୍ଗଲ୍ ଭିତ୍‌ରେ ପଇଁତରା ମାରୁଛନ୍ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ବିଧାନ୍‌ସଭା- ନବଦାସ ହତ୍ୟା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଆଘର୍ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ୍ ନବକିଶୋର୍ ଦାସ୍‌ଙ୍କର୍ ହତ୍ୟା ଘଟ୍‌ନାଥି କ୍ରାଇମ୍ ବ୍ରାଂଚ୍ ଅଧିକାରୀମାନେ ତାଙ୍କର୍ ପରିବାର୍ ଲୁକ୍‌କର୍ ବୟାନ୍ ରେକର୍ଡ୍ କରିଛନ୍ ବଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ବିଧାନ୍‌ସଭା ନ ବିରୋଧୀ ଦଲ୍ ତର୍‌ଫୁ ଆସିଥିବା ଇ ବାବଦ୍ ମୁଲ୍‌ତବୀ ପ୍ରସ୍ତାବ୍ ଆଲୋଚନା ବେଲ୍‌କେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ନବକିଶୋର୍ ଦାସ୍‌ଙ୍କର୍ ମୃତ୍ୟୁର୍ ତଦନ୍ତ୍ କର୍‌ବାର୍ ଲାଗି ପରିବାର୍ ତର୍‌ଫୁ ଅନୁରୋଧ୍ କରାଯାଇଛେ । ସେ ଅନୁରୋଧ୍ ହିସାବେ ଆଗ୍‌କେ ତଦନ୍ତ୍ ପ୍ରକ୍ରିୟା ଚାଲିଛେ ।

ଶିଶୁ ଶ୍ରମିକ୍ ଉଦ୍ଧାର ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଗଲା ୧୦ ବଛର୍ ଭିତ୍‌ରେ ରାଏଜେ ୬ ଶହ ୩୦ ଝନ୍ ଶିଶୁ ଶ୍ରମିକ୍ ଉଦ୍ଧାର ହେଇଛନ୍ । ୨୦୨୪ ମସିହାଥି ଖାଲି ୨୪ ଝନ୍ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛେ । ୧୦ ବଛର୍ ଭିତ୍‌ରେ କଟକନୁ ୮୪, ସୁନ୍ଦରଗଡ଼ନୁ ୭୯, ଝାରସୁଗୁଡ଼ାନୁ ୭୩ ଆଉ ଢେଙ୍କାନାଳନୁ ୭୨ ଝନ୍ ଶିଶୁଙ୍କୁ ଉଦ୍ଧାର କରାଯାଇଛେ ବଲି ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ ଆଏଜ୍ ବିଧାନସଭା ନ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର ଥି କହିଛନ ।

ରାଜ୍ୟସ୍ତରୀୟ ନିଯୁକ୍ତି ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ୫ ଟା ବିଭାଗ୍‌ଥି ନୂଆଁକରି ନିଯୁକ୍ତି ପାଇଥିବା ୮ ଶହ ୧୨ ଝନ୍‌କୁ ନିଯୁକ୍ତି ପତ୍ର ବାଂଟିଛନ୍ । ଭୁବନେଶ୍ୱର୍ କୃଷି ଆର୍ ବୈଷୟିକ୍ ବିଶ୍ୱବିଦ୍ୟାଳୟ ଠାନେ ହେଇଥିବା ରାଜ୍ୟସ୍ତରୀୟ ନିଯୁକ୍ତି ମେଳାଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ନବନିଯୁକ୍ତ ମାନ୍‌କୁ ସେବା ମନୋଭାବ୍ ରଖିକରି କାମ୍ କର୍‌ବାର୍ ଲାଗି ତହଁକେଇଛନ୍ ।

ମେଳାଥି କୃଷି, ସ୍ୱାସ୍ଥ୍ୟ, ଖଣି, ଇସ୍ପାତ୍, ଶକ୍ତି ଆଉ ଜଲ୍ ସମ୍ପଦ୍ ବିଭାଗର୍ ନୂଆ ଅଧିକାରୀ ଆଉ କର୍ମଚାରୀମାନଙ୍କୁ ନିଯୁକ୍ତିପତ୍ର ବଂଟାଯାଇଛେ ।

ଖରା-ଜରୁରୀକାଳୀନ ପ୍ରସ୍ତୁତି ବୈଠକ ହି.ସ.

ରାଏଜେ ବଢ୍‌ତି ଖରାକେ ନଜର୍‌ଥି ରଖିକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ ଜରୁରୀକାଳୀନ ପ୍ରସ୍ତୁତି ବୈଠକ୍ ଡାକିଛନ୍ । ଭୁବନେଶ୍ୱର ଲୋକସେବା ଭବନ୍‌ଠାନେ ଆଏଜ୍ ବେଲ୍‌ବୁଡ଼େ ଇ ବୈଠକ୍ ବସ୍‌ବା । ଗ୍ରୀଷ୍ମ ଲହରୀର୍ ମୁକାବିଲା ନେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୈଠକ୍‌ଥି ବିଭାଗୀୟ ଅଧିକାରୀଙ୍କର ସଙ୍ଗେ ଆଲୋଚନା କରି କରି ରଣନୀତି ବନାବେ ବଲି ଜନାପଡ଼ିଛେ ।

ଆର୍‌ଟିଇ- ନାଁଲେଖା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଘରୋଇ ବିଦ୍ୟାଳୟ ମାନ୍‌କେ ଶିକ୍ଷା ଅଧିକାର୍ ଆଇନ୍ ଅଧୀନ୍‌ଥି ପହେଲା ଖେପ୍ ନାଁଲେଖାବାର୍ ଲାଗି ଆଏଜ୍‌ଠାନୁ ପଞ୍ଜିକରଣ୍ ମୁଲ୍ ହେଇଛେ । ପଞ୍ଜିକରଣ୍ ପ୍ରକ୍ରିୟା ଏପ୍ରିଲ୍ ୨୦ ତାରିଖ୍‌ତକ୍ ଚାଲ୍‌ବା ବଲି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ବାହାରିଥିବା ସଂଶୋଧିତ୍ ବିଜ୍ଞପ୍ତିନୁ ଜନାପଡ଼ିଛେ ।

ଛୁଆମାନ୍‌କର୍ ନାଁଲେଖା        ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ପ୍ରାଥମିକ ବିଦ୍ୟାଲୟମାନ୍‌କେ ୨୦୨୫-୨୬ ବଛର୍ ନୁ ଛୁଆମାନ୍‌କର୍ ନାଁ ଲେଖା ବୟସ୍ ୬ ବଛର୍ ନାହେଲେ ତାର୍‌ନୁ ଅଏତ୍‌କା ଧାରିଜ୍ କରାଯାଇଛେ । ଜାତୀୟ ଶିକ୍ଷାନୀତି -୨୦୨୦ ଢାଂଚା ଥି ଆଏବା ବଛର୍‌ଠାନୁ ଇ ନିୟମ୍ ଲାଗୁ କର୍‌ବାର୍‌କେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଦେବେନ୍ଦ୍ରେ ପ୍ରଧାନ- ଶେଷକୃତ୍ୟ          ପୁରୀ ସମ୍ବାଦଦାତା

ବିଜେପିର ବରିଷ୍ଠ ନେତା ଆଉ ଆଘର୍ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ରେ ପ୍ରଧାନଙ୍କର ଶେଷକୃତ୍ୟ ଆଏଜ୍ ପୁରୀ ସ୍ୱର୍ଗଦ୍ୱାର ଠାନେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର୍ ସହେତେ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସାଂସଦ ସମ୍ବିତ୍ ପାତ୍ରଙ୍କର୍ ସହେତେ ବହୁତ୍ ବରିଷ୍ଠ ନେତା ଆଉ ବ୍ୟକ୍ତିବିଶେଷ ସ୍ୱର୍ଗତ୍ ପ୍ରଧାନଙ୍କୁ ଅନ୍ତିମ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଅନ୍ତିମ୍ ସଂସ୍କାର୍ ବେଲେ ସ୍ୱର୍ଗତ୍ ପ୍ରଧାନଙ୍କର ଦୁହି ପୁଓ ଆଉ କୁଟୁମ୍ ଲୁକେ ଉପସ୍ଥିତ୍ ଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଡାକ୍ତର

ପ୍ରଧାନଙ୍କର ୮୪ ବଛର୍ ବଏସେ ଗଲାକାଏଲ୍ ନୂଆଦିଲ୍ଲୀଠାନେ ପରଲୋକ ହେଇଥିଲା ।

ସୁନୀତା ୱିଲିୟମ୍ସ ଆର୍ଏନ୍ୟୁ/ସମ୍ବଲ୍ପୁର୍

ଅନ୍ତର୍ଜାତୀୟ ମହାକାଶ୍ କେନ୍ଦ୍ର ନ ୯ ମାସ୍‌ନୁ ଅଏତ୍କା ସମିଆ ଅଟ୍‌କି ରହିଥିବା ଭାରତୀୟ ବଂଶର୍- ଆମେରିକୀୟ ମହାକାଶ୍‌ଚାରୀ ସୁନୀତା ୱିଲିୟମ୍ସ, ବୁଚ୍ ୱିଲୋର୍ ସହେତେ ଆଉ ୨ ଝନ୍ ମହାକାଶ୍‌ଚାରୀ ପୁର୍‌ଥିକେ ଆଏଜ୍ ଫିରୁଛନ୍ ବଲି ଆମେରିକୀୟ ମହାକାଶ୍ ଗବେଷଣା ସଂସ୍ଥା - ନାସା ତର୍ଫୁ କୁହାଯାଇଛେ । ଇ ମହାକାଶ୍‌ଚାରୀମାନେ ଅନ୍ତର୍ଜାତୀୟ ମହାକାଶ୍ କେନ୍ଦ୍ରନୁ ବାହାରିକରି ପୁର୍‌ଥିକେ ଭାରତୀୟ ସମିଆ ସଖାଲର୍ ୧୦ ବାଜିକରି ୩୫ ମିନିଟ୍‌ଥି ଯାତ୍ରା ମୁଲ୍ କରିଛନ୍ । ଭାରତୀୟ ସମିଆ ଅନ୍‌ସାରେ ୧୭ ଘଂଟା ଯାତ୍ରା କରିକରି ଆଏବା କାଏଲ୍ ପହପହ ୩ ବାଜିକରି ୨୭ ମିନିଟ୍‌ଥି ଆମେରିକାର୍ ଫ୍ଲୋରିଡ଼ାର୍ ସମୁଦ୍ରଖଁଡ଼ି ନ ପୁହୁଁଚିବେ ବଲି ନାସା ତର୍ଫୁ କୁହାଯାଇଛେ । ସେମାନ୍‌କର୍ ପୁର୍‌ଥି ଫିର୍‌ବାର୍ ଅଭିଯାନ୍‌କେ ଟେଲିଭିଜନ୍, ନାସାର୍ ଅଫିସିଆଲ୍ ୱେବ୍‌ସାଇଟ୍, ୟୁଟ୍ୟୁବ୍ ଚେନାଲ୍‌ମାନ୍‌କେ ଦେଖ୍‌ବାର୍‌କେ ମିଲ୍‌ବା ।

ସୁବର୍ଣ୍ଣପୁର-ଶ୍ରୀ ଜଗନ୍ନାଥ୍ ମହୋତ୍ସବ/ସୁବର୍ଣ୍ଣପୁର ସମ୍ବାଦଦାତା

ଜଗନ୍ନାଥ୍ ସଂସ୍କୃତି ଆଉ ଚେତନାକେ ବଢ଼ାବାର୍ ଲକ୍ଷ୍ୟଥି ସୁବର୍ଣ୍ଣପୁର୍‌ର ତ୍ରିବେଣୀ ସଂଗମ୍ ସ୍ଥଲୀ ସ୍ୱର୍ଣ୍ଣପ୍ରୟାଗ୍‌ର ରାମେଶ୍ୱର୍ ପୀଠ ନ ଆଏବା କାଏଲ୍‌ଠାନୁ ୨୫ ତାରିଖ୍‌ତକ୍ ଶ୍ରୀ ଜଗନ୍ନାଥ୍ ମହୋତ୍ସବ୍ ମୁଲ୍ ହେବା । ୭ ଦିନ୍ ଧରିକରି ହେବାର୍‌କେ ଥିବାର୍ ଇ ମହୋତ୍ସବ୍‌ଥି ଜଗନ୍ନାଥଙ୍କର୍ ୩୨ ଟା ବେଶ, ପଂଚକୁଣ୍ଡୀୟ ଘୃତଯଜ୍ଞ, ୨୪ ପ୍ରହରୀ ନାମଯଜ୍ଞ, ପ୍ରବଚନ୍, ଭଜନ୍ ବାଗିର୍ ଆଧ୍ୟାତ୍ମିକ୍ କାର୍ଯ୍ୟକ୍ରମ୍ ମାନ୍ ହେବା ବଲି ଜଗନ୍ନାଥ୍ ମହୋତ୍ସବ୍ କମିଟି ତର୍‌ଫୁ କୁହାଯାଇଛେ ।

ଚୈତ୍ ମାସର୍ ବାସନ୍ତିକ ପର୍ବ ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ବହୁତ୍‌ଟେ ଦେବୀ ପୀଠ ନ ଚୈତ୍ ମାସର୍ ବାସନ୍ତିକ ପର୍ବ ଆଏଜ୍‌ଠାନୁ ମୁଲ୍ ହେଇଛେ । ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କର୍ ସହେତେ କୋଶଲେଶ୍ୱରୀ, ଚର୍‌ଦେଇ, ରାମଚଣ୍ଡୀ ଆର୍ ମା ମେଟାକାନୀ ବାଗିର୍ ଦେବୀ ମନ୍ଦିର୍ ମାନ୍‌କେ ଆଏଜ୍ ସଖାଲୁ ଶ୍ରଦ୍ଧାଳୁମାନ୍‌କର୍ ଭିଡ଼୍ ଜମିଛେ । ଦେବୀ ପୀଠମାନ୍‌କେ ଚଣ୍ଡିପାଠ୍ ଆଉ ହୋମ ହେଇଥିବାର୍ ବେଲେ ବେଲ୍‌ବୁଡ଼େ ସପ୍ତଆଲ୍‌ତୀ ଲାଗି ପ୍ରସ୍ତୁତି ଚାଲିଛେ ।

ବିଶ୍ୱ ଉପଭୋକ୍ତା ଅଧିକାର୍ ଦିବସ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ଠାନେ ବୈଧ ମାପ ବିଜ୍ଞାନ୍ ବିଭାଗ୍ ତର୍‌ଫୁ ବିଶ୍ୱ ଉପଭୋକ୍ତା ଅଧିକାର୍ ଦିବସ୍ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଳ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଜିନିଷ୍ ଘିନ୍‌ଲା ବେଲେ ଦାମ୍, ଏକ୍ସପାୟାରି ତାରିଖ୍ ବାଗିର୍ ଭିନ୍ ଭିନ୍ ଜିନିଷ୍ ଉପ୍‌ରେ ଧ୍ୟାନ୍ ଦେବାର୍‌କେ ଅତିଥି ମାନେ ଖାଉଟୀ ମାନ୍‌କୁ ସଚେତନ୍ କରିଥିଲେ ।

ହାତୀ ଆକ୍ରମଣ୍-ମହିଲା ମୃତ          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ୍ ବୁଢ଼ାପାଳ ପଂଚାୟତ୍ ତିଲେଇପଶି ଗାଁ ନ ହାତୀ ଆକ୍ରମଣ୍‌ଥି ଝନେ ମହିଲାଙ୍କର୍ ଜୀବନ୍ ଯାଇଛେ । ମହିଲାଝନ୍‌କ ରାତି ଶୁଇଥିଲା ବେଲ୍‌କେ ହାତୀ ଘର୍‌ଭିତ୍‌ରୁ ଘିଚି ଆନିକରି ମାରିଦେଇଥିଲା । ତାଙ୍କର୍ ରଡ଼ି ଶୁନିକରି ଘର୍‌ର ବାକି ଲୁକେ ଉଠିକରି ଦୌଡ଼ି ପଲେଇଥିଲେ । ଖବର୍ ପାଇକରି ଜଙ୍ଗଲ୍ ବିଭାଗ୍ ଆର୍ ପୁଲିସ୍ ଟିମ୍ ପୁହୁଁଚିକରି ଛାନ୍‌ଭିନ୍ କରିଛନ୍ ।

କଳାହାଣ୍ଡି କପ୍-୨୦୨୫          ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ତରଫୁ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଂଟ୍ କଲାହାଣ୍ଡି କପ୍-୨୦୨୫ ମୁଲ୍ ହେଇଛେ । ପହେଲା ଖେପେ ଗ୍ରୁପ୍-ଏ , ଗ୍ରୁପ୍-ବି ଆର୍ ଗ୍ରୁପ୍-ସିର୍ ମେଚ୍ ଖେଲାଯିବା । ୨୩ ତାରିଖ୍‌ତକ୍ ଫି' ଦିନ କଟକ୍ ଆର୍ ଭୁବ୍‌ନେଶ୍ୱର୍ ଠାନେ ୯ ଟା ପଡ଼ିଆ ନ ଖେଲ୍ ହେଉଛେ । ରେଭେନ୍ସା ଗ୍ରାଉଣ୍ଡ୍ -୧ ନ ପୂର୍ବତଟ ରେଲ୍‌ବାଇ ଆର୍ କୋରାପୁଟ୍ ଦଲ୍ ଭିତ୍‌ରେ ଆଏଜ୍ ମେଚ୍ ଖେଲାଯାଇଥିଲା ।

ରଥକାଠ-ସମ୍ବର୍ଦ୍ଧନା       ପୁରୀ ସମ୍ବାଦଦାତା

ପୁରୀ ଶ୍ରୀବିଗ୍ରହମାନ୍‌କର୍ ରଥଯାତ୍ରା ଲାଗି ରଥକାଠ ଯୁଗେଇଥିବା ଲୁକ୍‌କୁ ଆଉ ଅନୁଷ୍ଠାନ୍‌ମାନ୍‌କୁ ପୁରୀ ଗଜପତି ମହାରାଜ୍ ସମ୍ବର୍ଦ୍ଧିତ୍ କରିଛନ୍ । ୨୦୨୩ -୨୪ ମସିହା ରଥ ତିଆରି ଲାଗି ଫାଶି କାଠ୍ ଯୁଗେଇ ଥିବା ପାଖାପାଖି ୮୦ ଝନ୍ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ୍ କରାଯାଇଛେ । ଇ ଅବ୍‌ସରେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍, ଆଏବା ରଥଯାତ୍ରା ଲାଗି ଫାଶି କାଠ୍ ଦାନ୍ କର୍‌ବାର୍‌କେ ଚାହୁଁଥିବା ଲୁକକର୍ ତାଲିକା ତିଆର୍ କରାଯାଇଛେ । ରଥକାଠ ଅଭାବ୍‌କେ ପୁରା କର୍‌ବାର୍ ଲାଗି ଶହେ ୬ ଟା ବନପ୍ରକଳ୍ପ ତିଆର୍ କରାଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨ ଦିନ୍‌ତକ୍ ପାଗ୍ ଏନ୍ତା ଶୁଖା ରହେବା । ତାର୍ ଉତ୍‌ରୁ ୩ ନୁ ୫ ଡିଗ୍ରୀତକ୍ ତାତି କମ୍‌ବା । ଇ ସମିଆଥି ଜବର୍ ଖରାକେ ନେଇକରି ସମ୍ବଲ୍‌ପୁର୍, ବର୍‌ଗଡ୍, ବୌଦ୍ଧ ଆର୍ ସୁବର୍ଣ୍ଣପୁର୍ ଜିଲ୍ଲା ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଗୁଟେ ଜୁଡ଼େ ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏଜ୍ ବୌଦ୍ଧ ନ ରାଜ୍ୟର୍ ସବୁନୁ ଜହ ତାତି ୪୩ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।